ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/WCD(Od)/214/12-02-2024**

## ମତ୍ସ୍ୟ ପ୍ରାଣୀ ସମାବେଶ – ୨୦୨୪ରେ ଝଲସୁଛି ମହିଳା ଓ ଶିଶୁ ବିକାଶ ବିଭାଗର ଷ୍ଟଲ

- ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଗତ ସେବାଗୁଡିକ ବିଷୟରେ କରିବ ସଚେତନ
- ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ୍ ଫର ୱିମେନ ଆଣ୍ଡ ଚିଲଡ୍ରେନ ଦ୍ୱାରା ନିର୍ମିତ ଶିକ୍ଷାଦାନ ସାମଗ୍ରୀ ପ୍ରଦର୍ଶନ
- ବିଭିନ୍ନ ରେସିପି ପ୍ରଦର୍ଶନ କରାଇ ଖାଦ୍ୟ ବିବିଧତାକୁ ଦିଆଯାଉଛି ପ୍ରୋତ୍ସାହନ

ଭୁବନେଶ୍ୱର,୧୨/୦୨/୨୦୨୪:

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଚଳିତ ମାସ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ତ୍ରିଦିବସୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା – ୨୦୨୪ ଆୟୋଜନ କରାଯାଉଛି । ଏହି ଅବସରରେ ମହିଳା ଓ ଶିଶୁର ପୁଷ୍ଟି ବିକାଶ କାର୍ଯ୍ୟକ୍ରମ ଓ ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ ଷ୍ଟଲ ସ୍ଥାପନ କରାଯାଇଛି ।

ସମନ୍ୱିତ ଶିଶୁ ବିକାଶ ଯୋଜନା ଅନ୍ତର୍ଗତ ସେବାଗୁଡିକ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଏହି ଷ୍ଟଲର ମୁଖ୍ୟ ଲକ୍ଷ୍ୟ । ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ପୋଷଣଭିତ୍ତିକ କାର୍ଯ୍ୟକ୍ରମ ଯଥା ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମ, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ମମତା ଓ ପ୍ରାକ୍ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ଉପରେ ପରିବେଷ୍ଟିତ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇ.ଇ.ସି.) ସାମଗ୍ରୀକୁ ଏହି ଷ୍ଟଲରେ ପ୍ରଦର୍ଶିତ କରାଯାଇଛି । ଆହୁରି ମଧ୍ୟ ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ୍ ଫର ୱିମେନ ଆଣ୍ଡ ଚିଲଡ୍ରେନ ଦ୍ୱାରା ପ୍ରସ୍ତୁତ ଶିକ୍ଷାଦାନ ଓ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରାଯାଇ ଶିଶୁମାନଙ୍କ ପାଇଁ ବୟସ ଉପଯୋଗୀ ସାମଗ୍ରୀର ବ୍ୟବହାର ଓ ସୁଫଳ ସମ୍ପର୍କରେ ବର୍ଣ୍ଣନା କରାଯାଉଛି । ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରଦାନ କରାଯାଉଥିବା ଛତୁଆ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଖାଦ୍ୟ ସାମଗ୍ରୀର ବ୍ୟବହାରକୁ ଏହି ଷ୍ଟଲ ମାଧ୍ୟମରେ ପ୍ରୋତ୍ସାହନ ଦିଆଯାଉଛି । ଖାଦ୍ୟ ବିବିଧତାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ସୁସ୍ୱାଦୁ ରେସିପି ମଧ୍ୟ ପ୍ରଦର୍ଶନ କରାଯାଉଛି ।

ସୂଚନାଯୋଗ୍ୟ କି ମହିଳା ଓ ଶିଶୁ ବିକାଶ ବିଭାଗ ରାଜ୍ୟର ମହିଳା, କିଶୋର, କିଶୋରୀ ଏବଂ ଶିଶୁମାନଙ୍କ ଶାରୀରିକ ଓ ମାନସିକ ପୁଷ୍ଟିସାଧନକୁ ପ୍ରାଥମିକତା ଦେଇଆସୁଛି । ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଅନ୍ତର୍ଗତ କିଶୋରୀ ମେଳା ମାଧ୍ୟମରେ ଏକ ମେଳା ଅନୁଷ୍ଠିତ କରାଯାଇ କିଶୋରୀମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ପୁଷ୍ଟିର ବିକାଶ ସହ ସେମାନଙ୍କୁ ଜୀବନ କୌଶଳର ଟ୍ରେନିଂ ଦିଆ ଯାଉଛି । ଗର୍ଭବତୀ ମହିଳା ଓ ପ୍ରସୂତୀ ମା ଓ ସେମାନଙ୍କ ପୁଷ୍ଟି ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ମମତା ଯୋଜନର ସହାୟତା ରାଶିକୁ ଦୁଇଗୁଣ କରାଯାଇଛି । ଏହି ନୂଆ ମମତା ଯୋଜନାରେ ୨ ଟି କିସ୍ତିରେ ହିତାଧିକାରୀଙ୍କ ଜମା ଖାତାକୁ ସହାୟତା ରାଶି ଦିଆଯିବ । ଆହୁରି ମଧ୍ୟ ପଡାପୁଷ୍ଟି କାର୍ଯ୍ୟକ୍ରମରେ ଦୁର୍ଗମ ତଥା ଆଦିବାସୀ ଅଞ୍ଚଳର ପିଲାମାନଙ୍କୁ ସେମାନଙ୍କର ପଡା ଓ ଗ୍ରାମରେ ଗରମ ରନ୍ଧାଖାଦ୍ୟ ଯୋଗେଇଦେବାର ବ୍ୟବସ୍ଥା କରାଯାଇଛି । ଏହି ସବୁ କାର୍ଯ୍ୟକ୍ରମ ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଷ୍ଟଲର ମୁଖ୍ୟ ଉଦ୍ଦେଶ୍ୟ ।

ତନୁଜା ମହାନ୍ତି
ଲୋକସଂପର୍କ ଅଧିକାରୀ